# NATIONAL NEWS BULLETIN (ODIA)
## 28 March - 2026
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଗଠନ ଲକ୍ଷ୍ୟରେ ସରକାର ପୁଞ୍ଜିନିବେଶକୁ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି, କହିଲେ ପ୍ରଧାନମନ୍ତ୍ରୀ ।
- ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ୍ ଯୋଗାଣ ତଥା ଅତ୍ୟାବଶ୍ୟକ ସେବା ପ୍ରଦାନ ଲକ୍ଷ୍ୟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେଲା ମନ୍ତ୍ରୀ ସ୍ତରୀୟ ବୈଠକ ।
- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।
- ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ଗିରଫ୍ ପରିପ୍ରେକ୍ଷୀରେ କାଠମାଣ୍ଡୁରେ ଦଳୀୟ ସମର୍ଥକଙ୍କ ବିକ୍ଷୋଭ ।

ଏବଂ

- ବେଙ୍ଗାଲୁରୁଠାରେ ଆରମ୍ଭ ହେଲା ଆଇପିଏଲ୍‌ର ୧୯ତମ ସଂସ୍କରଣ ।

– ଉଦ୍‌ଘାଟନୀ ମ୍ୟାଚ୍‌ରେ ଟସ୍ ଜିତି ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ।

# ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆଧୁନିକ ଭିତ୍ତିଭୂମି ମାଧ୍ୟମରେ ବିକଶିତ ଭାରତ ଗଠନ କରିବା ପାଇଁ ସରକାର ପୁଞ୍ଜିନିବେଶକୁ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି । ଉତ୍ତରପ୍ରଦେଶର ଗୌତମବୁଦ୍ଧ ନଗର ଜିଲ୍ଲାର ଜେଓ୍ୱାର୍‌ଠାରେ ନଏଡ଼ା ଆନ୍ତର୍ଜାତିକ ବିମାନ ବନ୍ଦରର ପ୍ରଥମ ପର୍ଯ୍ୟାୟ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ମୋଦୀ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଦେଶର ଭିତ୍ତିଭୂମି ବଜେଟ୍ ୬ ଗୁଣ ବୃଦ୍ଧି ପାଇଛି । ସେଥିମଧ୍ୟରୁ ୧୭ ଲକ୍ଷ କୋଟି ଟଙ୍କାରୁ ଅଧିକ ରାଜପଥ ଏବଂ ଏକ୍ସପ୍ରେସ୍ ସଡ଼କ ନିର୍ମାଣରେ ବିନିଯୋଗ କରାଯାଇ ଏକ ଲକ୍ଷ କିଲୋମିଟରରୁ ଅଧିକ ସଡ଼କ ନିର୍ମାଣ କରାଯାଇଛି । ଇତିମଧ୍ୟରେ ଶତପ୍ରତିଶତ ବ୍ରଡ୍‌ଗେଜ୍ ରେଳ ବିଦ୍ୟୁତୀକରଣ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି –

**VO-1-PM-INFRA**

ଶ୍ରୀ ମୋଦୀ କହିଛନ୍ତି, ଜେଓ୍ୱାର୍‌ଠାରେ ନଏଡ଼ା ଆନ୍ତର୍ଜାତିକ ବିମାନ ବନ୍ଦର ଲୋକାର୍ପଣ ହେବା ଫଳରେ ବିକଶିତ ଉତ୍ତରପ୍ରଦେଶ ଏବଂ ବିକଶିତ ଭାରତ ଅଭିଯାନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି

ହୋଇପାରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ସର୍ବାଧିକ ଆନ୍ତର୍ଜାତିକ ବିମାନ ବନ୍ଦର ରହିଥିବା ମାନ୍ୟତା ଉତ୍ତରପ୍ରଦେଶ ପାଇଛି । ଶ୍ରୀ ମୋଦୀ କହିଛନ୍ତି, ଏହି ବିମାନ ବନ୍ଦରରେ ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ ରହିଛି ।

ସ୍ୱତନ୍ତ୍ର ରେଳଟ୍ରାକ୍ ନିର୍ମାଣ ସମ୍ପର୍କରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବେଙ୍ଗଲ ଏବଂ ଗୁଜରାଟ ଉପକୂଳବର୍ତ୍ତୀ ଅଞ୍ଚଳକୁ ଏହା ସଂଯୋଗ କରିବାରେ ସହାୟକ ହେବ । ପଶ୍ଚିମ ଏସିଆ ସଂଘର୍ଷ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ତୈଳ ଏବଂ ଇନ୍ଧନ ଗ୍ୟାସ୍‌ର ସଂକଟର ମୁକାବିଲା କରୁଛନ୍ତି । ତେବେ ଭାରତବାସୀଙ୍କ ଶକ୍ତି ଉପରେ ନିର୍ଭର କରି ସରକାର ପୂର୍ଣ୍ଣ ଆତ୍ମବିଶ୍ୱାସର ସହ ଏହି ଆହ୍ୱାନର ମୁକାବିଲା କରିପାରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଯୁଦ୍ଧ ପ୍ରଭାବିତ ଅଞ୍ଚଳରୁ ପ୍ରଚୁର ପରିମାଣରେ ଅଶୋଧିତ ତୈଳ ଏବଂ ଗ୍ୟାସ୍ ଭାରତ ଆମଦାନୀ କରୁଛି । ଦେଶର ଗରିବ ପରିବାର ଏବଂ କୃଷକଙ୍କୁ ଆବଶ୍ୟକ ସହାୟକ ପ୍ରଦାନ କରିବା ଲକ୍ଷ୍ୟ ନେଇ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ବିଶ୍ୱସ୍ତରୀୟ ଏହି ଆହ୍ୱାନର ମୁକାବିଲା ପାଇଁ ସାମୂହିକ ପ୍ରୟାସ ଏବଂ ଜାତୀୟ ଏକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

# ପିଏନ୍‌ଜି-ରାଉଣ୍ଡ ଟେବୁଲ୍

ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ୍ ଯୋଗାଣ ଏବଂ ସହରାଞ୍ଚଳରେ ଅତ୍ୟାବଶ୍ୟକ ସେବା ଯୋଗାଇଦେବା ଲକ୍ଷ୍ୟ ନେଇ ଆଜି ନୂଆଦିଲ୍ଲୀ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଗୃହ ନିର୍ମାଣ ଓ ସହରାଞ୍ଚଳ ମନ୍ତ୍ରୀ ମନୋହର ଲାଲ୍ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏବଂ ଉପଭୋକ୍ତା ବ୍ୟାପାର ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଏହି ବୈଠକରେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏ କ୍ଷେତ୍ରରେ କାର୍ଯ୍ୟରତ ଅଂଶିଦାର ଏଥିରେ ଭାଗ ନେଇ ମତବିନିମୟ କରିଛନ୍ତି । ମନ୍ତ୍ରୀ ଶ୍ରୀ ପୁରୀ ସାମ୍ପ୍ରତିକ ଯୁଦ୍ଧ ପରିସ୍ଥିତିରେ ପ୍ରଭାବିତ ହେବାକୁ ଥିବା ବିଶ୍ୱ ଶକ୍ତି କ୍ଷେତ୍ର ଉପରେ ଆଲୋକପାତ କରିଛନ୍ତି । ଶକ୍ତି ସୁରକ୍ଷା ଏବଂ ନିରନ୍ତରତା ବୃଦ୍ଧି ଲକ୍ଷ୍ୟରେ ପି.ଏନ୍.ଜି. ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଶ୍ରୀ ପୁରୀ ଗୁରୁତ୍ୱପ୍ରଦାନ କରିଛନ୍ତି । ସହରାଞ୍ଚଳରେ ପି.ଏନ୍.ଜି. ବ୍ୟବସ୍ଥାକୁ ଅଧିକ ବ୍ୟାପକ କରିବାକୁ ମନ୍ତ୍ରୀ ଶ୍ରୀ ପୁରୀ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦେଇଛନ୍ତି ।

## ପିଏମ୍-ସାଉଦି ଆରବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଉଦି ଆରବ ପ୍ରତିପକ୍ଷ ତଥା କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲ୍‌ମାନଙ୍କ ସହ ପଶ୍ଚିମ ଏସିଆ ସଂଘର୍ଷ ନେଇ ଆଲୋଚନା କରିଛନ୍ତି । ଉଭୟ ନେତାଙ୍କ ମଧ୍ୟରେ ଆଜି ହର୍ମୁଜ୍ ପ୍ରଣାଳୀ ଦେଇ ନୌଚଳାଚଳକୁ ସୁଗମ କରିବା ତଥା ଅନ୍ୟାନ୍ୟ ପ୍ରସଙ୍ଗ ନେଇ ମତ ବିନିମୟ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଆଞ୍ଚଳିକ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରୁଛି । ସାଉଦି ଆରବରେ ଭାରତୀୟ ସମ୍ପ୍ରଦାୟଙ୍କୁ ସହଯୋଗ ପ୍ରଦାନ କରିଥିବାରୁ କ୍ରାଉନ୍ ପ୍ରିନ୍ସ ସଲମାନ୍‌ଙ୍କୁ ଶ୍ରୀ ମୋଦୀ ଧନ୍ୟବାଦ ଜଣାଇଛନ୍ତି ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ କି ବାତ୍ କାର୍ଯ୍ୟକ୍ରମ ୧୩୨ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱାର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ

ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Striming ହେବ । ହିନ୍ଦୀ ପ୍ରସାରଣ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ନେପାଳ-ଆରେଷ୍ଟ ପ୍ରୋଟେଷ୍ଟ

ୟୁ.ଏମ୍.ଏଲ୍. ଦଳର ଅଧ୍ୟକ୍ଷ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ଗିରଫ୍ ପରେ ନେପାଳର କାଠମାଣ୍ଡୁରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି । ସି.ପି.ଏନ୍.-ୟୁ.ଏମ୍.ଏଲ୍.ର କର୍ମୀ ଶ୍ରୀ ଓଲିଙ୍କ ଗିରଫ୍ ପ୍ରତିବାଦରେ ଜିଲ୍ଲା କୋର୍ଟ୍ ସମ୍ମୁଖରେ ଟାୟାର୍ ଜାଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି ଅବସରରେ ଏକ ପ୍ରତିବାଦ ଶୋଭାଯାତ୍ରା ମଧ୍ୟ ସହର ପରିକ୍ରମା କରିଛି । ଗତବର୍ଷ ଜେନ୍-ଜି ଗୋଷ୍ଠୀଙ୍କ ପ୍ରଦର୍ଶନକୁ ଦମନ କରିବା ଅଭିଯୋଗ ନେଇ ଶ୍ରୀ ଓଲିଙ୍କୁ ଗିରଫ୍ କରାଯାଇଛି ।

## ଅମିତ ଶାହା-କୋଲକାତା ଭିଜିଟ୍

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପଶ୍ଚିମବଙ୍ଗରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ଏବଂ ଅର୍ଥନୈତିକ ଅଧୋଗତି

ନେଇ ତୃଣମୂଳ କଂଗ୍ରେସ ସରକାର ମୁଖ୍ୟ ମମତା ବାନାର୍ଜୀଙ୍କୁ ଦାୟୀ କରିଛନ୍ତି ।

ପଶ୍ଚିମବଙ୍ଗରେ ଶ୍ରମିକ ନିମ୍ନ ମୂଲ୍ୟର ମଜୁରୀ ପାଇବା ସହ ସେମାନଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବା ଶ୍ରୀ ଶାହା ଅଭିଯୋଗ କରିଛନ୍ତି । କୋଲକାତାରେ ଆଜି 'ଜନଗଣଙ୍କ ଚାର୍ଜସିଟ୍' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଶାହା' ମମତା ବାନାର୍ଜୀଙ୍କ ସରକାର ବେଆଇନ୍ ଅନୁପ୍ରବେଶକାରୀଙ୍କୁ ପ୍ରୋତ୍ସାହନ ପ୍ରଦାନ କରୁଛି ବୋଲି ଅଭିଯୋଗ କରିଛନ୍ତି । ଏହି ଅବସରରେ ଶ୍ରୀ ଶାହା ରାଜ୍ୟ ସରକାରଙ୍କ ଶାସନକାଳରେ ହୋଇଥିବା ଅବନତି ସମ୍ପର୍କରେ ଆଲୋକପାତ କରିଛନ୍ତି ।

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗରେ ନିର୍ବାଚନ ଆୟୋଗଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମନ୍ତବ୍ୟ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ଶାହା କହିଛନ୍ତି ।  ପଶ୍ଚିମବଙ୍ଗରେ ରାଜନୈତିକ ହିଂସାରେ ୩୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ନେଇ ସେ ଅଭିଯୋଗ କରିଛନ୍ତି । ଏଥିରେ ଅଧିକାଂଶ  ବିଜେପି ସମର୍ଥିତ କର୍ମୀ ବୋଲି ଶ୍ରୀ ଶାହା କହିଛନ୍ତି ।

## ପିଏମ୍‌-ମେରା ବୁଥ୍

ବିରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ସୋମବାର ଦିନ ଆସାମ ଓ ପୁଡୁଚେରୀର ଦଳୀୟ କର୍ମୀଙ୍କୁ ମେରା ବୁଥ୍ ସବ୍‌ସେ ମଜବୁତ୍ ଅଭିଯାନ ଅଧୀନରେ ସମ୍ବୋଧନ କରିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ନମୋ ଆପ୍ ମାଧ୍ୟମରେ ଦଳୀୟ କର୍ମକର୍ତ୍ତାଙ୍କୁ ସେ ସମ୍ବୋଧନ କରିବେ । ଗତ ଦଶନ୍ଧିରେ ଆସାମର ପ୍ରଗତି ଲକ୍ଷ୍ୟରେ ବିଭିନ୍ନ ବିକାଶମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ରାଜ୍ୟବାସୀ ଡବଲ ଇଞ୍ଜିନ ସରକାରଙ୍କ ବିକାଶ କାର୍ଯ୍ୟକୁ ଆହୁରି ୫ ବର୍ଷ ସହଯୋଗ ପ୍ରଦାନ କରିବେ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି । ଅନ୍ୟ ଏକ ପୋଷ୍ଟରେ ଶ୍ରୀ ମୋଦୀ ଗତ ୫ ବର୍ଷ ମଧ୍ୟରେ ପୁଡୁଚେରୀର ଡବଲ୍ ଇଞ୍ଜିନ ସରକାର ଲୋକଙ୍କ ଆକାଂକ୍ଷା ପୂରଣ କରିପାରିଛି  ବୋଲି କହିଛନ୍ତି । ପୁଡୁଚେରୀର ଦଳୀୟ କର୍ମୀଙ୍କ ସହ ଭାବ ବିନିମୟ କରିବାକୁ ଉତ୍ସାହିତ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

## ଲ ଜଷ୍ଟିସ୍ କନ୍‌ସଲ୍‌ଟେସନ

ନୂଆଦିଲ୍ଲୀରେ ଆସନ୍ତାକାଲି ଡିଜାଇନ୍ ଇନୋଭେଟିବ୍ ସଲ୍ୟୁସନ୍ସ ଫର୍ ହୋଲିଷ୍ଟିକ୍ ଆକ୍‌ସେସ୍ ସହ ଜଷ୍ଟିସ୍-ଦିଶା ଯୋଜନା ଅଧୀନରେ ଟେଲି-ଲ

ପଦକ୍ଷେପକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏକ ଜାତୀୟ ପରାମର୍ଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ପ୍ରଯୁକ୍ତିବିଦ୍ୟା ଆଧାରରେ ଆଇନସେବା ପ୍ରଦାନ ଦ୍ୱାରା ନ୍ୟାୟର ଉପଲବ୍ଧତାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ବିଭିନ୍ନ ପ୍ରସଙ୍ଗ ଭିତ୍ତିକ ଆଲୋଚନା ଏବଂ ଅଂଶୀଦାରଙ୍କ ସଂପୃକ୍ତ ସହିତ ନ୍ୟାୟ ଉପଲବ୍ଧତାର ପଦକ୍ଷେପକୁ ଅଧିକ ସଶକ୍ତ କରିବା ପାଇଁ ଏହି ଜାତୀୟ କର୍ମଶାଳା ଏକ ମଞ୍ଚ ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ ଆଶା ବ୍ୟକ୍ତ କରିଛି ।

# ଆଇପିଏଲ୍

ଇଣ୍ଡିଆନ୍ ପ୍ରିମିୟର ଲିଗ୍ – ଆଇପିଏଲ୍ କ୍ରିକେଟର ୧୯ତମ ସଂସ୍କରଣ ବେଙ୍ଗାଲୁରୁଠାରେ ଆରମ୍ଭ ହୋଇଛି । ଆଉ ଅଳ୍ପ ସମୟ ପରେ ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଉଦଘାଟନୀ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଖେଳ ଆରମ୍ଭ ହେବ । ଟସ୍ ଜିତି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ସୂଚନା ଯୋଗ୍ୟ ଗତ ସଂସ୍କରଣର ବିଜେତା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ଗତବର୍ଷ ଆୟୋଜିତ ବିଜୟ ଉତ୍ସବ ପାଳନ ବେଳେ ଘଟିଥିବା ଦଳାଚକଟାରେ ୧୧ଜଣଙ୍କର ମୃତ୍ୟୁ ଘଟିଥିଲା । ସେମାନଙ୍କ ସ୍ମୃତିରେ ଚଳିତ ସଂସ୍କରଣର ଉଦ୍‌ଘାଟନୀ ସମାରୋହକୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ବାତିଲ କରିଛି । ଦୁଇ ମାସ ଧରି ଚାଲିବାକୁ ଥିବା ଆଇପିଏଲ୍ ମଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ।